# ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ କାର୍ଯ୍ୟାଳୟ : ମୟୂରଭଞ୍ଜ
## (ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ବିଭାଗ)

**ବିଜ୍ଞାପନ ସଂଖ୍ୟା-** ୩୨୬ **ତାଃ-** ୧୪/୦୨/୨୦୧୯

ଏତଦ୍ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା (BPL Category) ସମସ୍ତ ଅନୁସୂଚୀତ ଜନଜାତି (ST) ଓ ଅନୁସୂଚୀତ ଜାତି (SC) ଶ୍ରେଣୀର ଅଭିଭାବକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ଶିକ୍ଷାବର୍ଷ ୨୦୧୯-୨୦ ରେ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ତଥା ନିଷ୍ପତ୍ତି ଅନୁଯାୟୀ **ସହରାଞ୍ଚଳ ଶିକ୍ଷା ଯୋଜନା “ଅନ୍ୱେଷା”** ମାଧ୍ୟମରେ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଶ୍ରେଣୀର ପିଲାମାନେ ଉଭୟ ପୁଅ ଓ ଝିଅ ଯେଉଁମାନଙ୍କର ବୟସ ତା ୩୧.୦୩.୨୦୧୯ ରିଖ ସୁଦ୍ଧା ୬(ଛଅ)ବର୍ଷ ପୁରଣ ହୋଇଥିବ କିନ୍ତୁ ୭(ସାତ) ବର୍ଷ ୬(ଛଅ) ମାସ ରୁ ଅଧିକ ହୋଇନଥିବ, ସେମାନେ ସହରାଞ୍ଚଳ ରେ ଥିବା ଉତ୍ତମ ମାନର ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ଷ୍ଟାଣ୍ଡାର୍ଡ-୧ (ପ୍ରଥମ ଶ୍ରେଣୀ) ରେ ପଢିବାର ସୁଯୋଗ ପାଇବେ । ସହରାଞ୍ଚଳରେ ହଷ୍ଟେଲରେ ରହିବା, ଖାଇବା, ପିଇବା, ବିଦ୍ୟାଳୟକୁ ଯିବା ଆସିବା ତଥା ପାଠ୍ୟଉପକରଣ ପୋଷାକ ଇତ୍ୟାଦିର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ।

ଏଣୁ ଆଗ୍ରହୀ ଅଭିଭାବକ ମାନଙ୍କୁ ଅନୁରୋଧ ଯେ, ସେମାନେ ଏଥିପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ପୂରଣ କରି ଆବଶ୍ୟକୀୟ ପ୍ରମାଣ ପତ୍ରର ନକଲ ସହ ଜିଲ୍ଲା ମଙ୍ଗଳ ଅଧିକାରୀ, ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟ (DWO) / ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (ADWO)/ ବ୍ଲକ କାର୍ଯ୍ୟାଳୟ (WEO)ଙ୍କ ନିକଟରେ ଦାଖଲ କରିବେ। ଏହି ଫର୍ମ ଜିଲ୍ଲାର ସମସ୍ତ ଗ୍ରାମ ପଂଚାୟତ/ ତହସିଲ୍ / ବ୍ଲକ୍/ ସବ କଲେକ୍ଟର ଙ୍କ ଅଫିସ/ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାଙ୍କ କାର୍ଯ୍ୟାଳୟ/ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ / ଗ୍ରାମର ଶିକ୍ଷାନୁଷ୍ଠାନ ମାନଙ୍କରେ ଉପଲବ୍ଧ ହେବ। ଏହାର ସବିଶେଷ ବିବରଣୀ ଜିଲ୍ଲା ୱେବସାଇଟ **http://www.mayurbhanj.nic.in** ରେ ମଧ୍ୟ ଉପଲବ୍ଧ ଅଟେ ।

ଆବେଦନର ଶେଷ ତାରିଖ : **ତା. ୦୧.୦୩.୨୦୧୯ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା । ନିର୍ଦ୍ଧାରିତ ତାରିଖ ଏବଂ ସମୟସୀମା ପଶ୍ଚାତ୍ କୌଣସି ଫର୍ମ ଗ୍ରହଣ କରାଯିବ ନାହିଁ।**

**ଚଳିତ ଶିକ୍ଷାବର୍ଷ ପାଇଁ ମୋଟ ସିଟ ସଂଖ୍ୟା — ୫୦୦**

ଏତଦ୍ ମଧ୍ୟରୁ **ST** ବାଳକଙ୍କ ନିମନ୍ତେ -**୧୭୫ ସିଟ, ST** ବାଳିକାଙ୍କ ନିମନ୍ତେ-**୧୭୫ ସିଟ**

ଏବଂ **SC** ବାଳକଙ୍କ ନିମନ୍ତେ-**୭୫ ସିଟ, SC** ବାଳିକାଙ୍କ ନିମନ୍ତେ-**୭୫ ସିଟ**

ବି. ଜମ୍ବୁନାଥ

ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ମୟୂରଭଞ୍ଜ

ଓଡ଼ିଶା ସରକାରଙ୍କ ***ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ବିଭାଗ*** ଅନ୍ତର୍ଗତ ସହରାଞ୍ଚଳ ଶିକ୍ଷା ଯୋଜନାରେ ଚୟନ ନିମନ୍ତେ ଦରଖାସ୍ତ ଫର୍ମ, ***ଜିଲ୍ଲା-ମୟୂରଭଞ୍ଜ***

୧) ପିଲାର ନାମ : -

୨) ଜନ୍ମ ତାରିଖ (ଜନ୍ମ ପ୍ରମାଣପତ୍ରର ଅବିକଳ ନକଲ, ଯଦିଥାଏ ସଂଲଗ୍ନ କରିବେ) :

୩) ଲିଙ୍ଗ :

୪) ଜାତି : (ଜାତିଗତ ପ୍ରମାଣ ପତ୍ରର ନକଲ ଦାଖଲ କରିବେ)

୫) ଜାତି ଓ ଉପଜାତିର ବିବରଣୀ:

୬) ଦରଖାସ୍ତକାରୀ କୌଣସି ଏକ ନିର୍ଦ୍ଦିଷ୍ଟ ଆଦିମ ଜନଜାତି ଗୋଷ୍ଠୀ ଅନ୍ତର୍ଭୁକ୍ତ କି : (ହଁ / ନାଁ)

**ଯଦି ହଁ ତେବେ ଗୋଷ୍ଠୀର ନାମ ଉଲ୍ଲେଖ କରନ୍ତୁ :**

୭) ନିଜ ଭାଷା:

୮) ପିତାଙ୍କ ନାମ :

୯) ମାତାଙ୍କ ନାମ:

୧୦) ଅଭିଭାବକଙ୍କ ନାମ (ଯଦି ନିଜର ପିତା/ମାତା ନ ଥାନ୍ତି)

୧୧) ପିତା, ମାତା/ ଅଭିଭାବକଙ୍କ ବର୍ତ୍ତମାନ ଠିକଣା:

ଗ୍ରାମ: ଗ୍ରାମପଞ୍ଚାୟତ : ବ୍ଲକ୍: ଜିଲ୍ଲା:

୧୨) ପିତା ମାତା କିମ୍ବା ଅଭିଭାବକଙ୍କ ପ୍ରଧାନ ଜୀବିକା:

୧୩) ପିତାମାତା କିମ୍ବା ଅଭିଭାବକଙ୍କ ଯୋଗାଯୋଗ ନଂ:

୧୪) ପରିବାରର ବି.ପି.ଏଲ୍. କାର୍ଡର ପୂର୍ଣ୍ଣ ବିବରଣୀ:(BPL କାର୍ଡ/ଅନ୍ତର୍ଦୋୟ/ଅର୍ଣପୂର୍ଣ୍ଣା କାର୍ଡ ର ଅବିକଳ ନକଲ ସଂଲଗ୍ନ କରନ୍ତୁ)

୧୫) ପିଲାଟି ଅଙ୍ଗନୱାଡ଼ି କେନ୍ଦ୍ରରେ/ପ୍ରାକ୍ ବିଦ୍ୟାଳୟ କେନ୍ଦ୍ରରେ/ ପ୍ରାକ୍ ବିଦ୍ୟାଳୟ ଶିକ୍ଷାରେ ଯୋଗଦାନ କରିଛନ୍ତି/ ଶିକ୍ଷା ସମାପ୍ତ କରିଛନ୍ତି କି? (ହଁ / ନାଁ)

୧୬) ଯଦି ହଁ ସମ୍ପୂର୍ଣ୍ଣ ବିବରଣୀ ଉଲ୍ଲେଖ କରନ୍ତୁ

- ସ୍ଥାନର ଅବସ୍ଥିତି ଏବଂ ଅଙ୍ଗନୱାଡ଼ି କେନ୍ଦ୍ର / ପ୍ରାକ୍ ବିଦ୍ୟାଳୟ କେନ୍ଦ୍ର ର ନାମ:
- ଅଙ୍ଗନୱାଡ଼ି କେନ୍ଦ୍ର / ପ୍ରାକ୍ ବିଦ୍ୟାଳୟ କେନ୍ଦ୍ର ରେ ବିତାଇଥିବା ସମୟ:

୧୭) ପିଲାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ଚିତ୍ର:-

(କ) ବ୍ଲଡ୍ ଗ୍ରୁପ୍ -

(ଖ) ଉଚ୍ଚତା (ସେ:ମି:)

(ଗ) ଓଜନ

(ଘ) ***ଚିହ୍ନଟ କରିବା ଭଳି*** କୌଣସି ଚିହ୍ନ:

(ଙ)ପ୍ରାଥମିକ ଟୀକାକରଣ ସମ୍ପୂର୍ଣ୍ଣ ହୋଇଛି କି?
ଯଦି ନାଁ, ବାକୀଥିବା ଟୀକା ଓ ଧାର୍ଯ୍ୟ ତାରିଖର ବିବରଣୀ:

(ଚ)ପିଲା କୌଣସି ସଂକ୍ରାମକ ରୋଗରେ ସଂକ୍ରମିତ କି ? ଯଦି ହଁ ତାହା ହେଲେ ରୋଗର ବିବରଣୀ ଓ କରାଯାଇଥିବା ଚିକିତ୍ସାର ବିବରଣୀ।

(ଛ) *ପିଲା ବିଗତ ୩ ବର୍ଷ ମଧ୍ୟରେ କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଅଛି କି? ଯଦି ହଁ, ତାହାର ବିସ୍ତୃତ ବିବରଣୀ:-*

୧୮) ପିଲା ଛାତ୍ରାବାସରେ ଅବସ୍ଥାନ ପାଇଁ ଇଚ୍ଛୁକ କି ? (ହଁ/ନାଁ)

ପିତା/ମାତା କିମ୍ବା ଅଭିଭାବକଙ୍କ ସ୍ୱାକ୍ଷର / ଟିପଚିହ୍ନ